ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇଗଡ଼

OFFICE OF THE CHILD DEVELOPMENT PROJECT OFFICER,

BONAIGARH,PIN:-770038

E-mail:cdpobonai.or@nic.in

ବିଜ୍ଞାପନ ସଂଖ୍ୟା 588 /ତା 28-08-2026 ରିଖ ।

**ଅଙ୍ଗନୱାଡ଼ି କର୍ମୀ ପଦବୀ ପୂରଣ ନିମନ୍ତେ ଅନଲାଇନ (Online) ଜରିଆରେ ଦରଖାସ୍ତ ଆହ୍ୱାନ**

| ଘଟଣାବଳୀ | ଆରମ୍ଭ ତାରିଖ | ଶେଷ ତାରିଖ |
|---|---|---|
| ଅନଲାଇନ(Online) ନାମ ପଞ୍ଜିକରଣ | ୨୨.୦୮.୨୦୨୬ | ୦୯.୦୯.୨୦୨୬ |
| ଅନଲାଇନ(Online) ଦରଖାସ୍ତ ଉପସ୍ଥାପନ | ୨୨.୦୮.୨୦୨୬ | ୦୯.୦୯.୨୦୨୬ |
| ମୂଳ ପ୍ରମାଣ ପତ୍ର ଗୁଡ଼ିକ ର (OriginalCertificate) ର ଯାଞ୍ଚ ପ୍ରକ୍ରିୟା | ତା ୧୦.୦୯.୨୦୨୬ରିଖ ଦିବା ୧୦.୩୦ଘଟିକା | |

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବଣାଇଗଡ଼ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିନସ୍ଥ ନିମ୍ନଲିଖିତ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଅଙ୍ଗନୱାଡ଼ି କର୍ମୀ ପଦବୀ ପୂରଣ ନିମନ୍ତେ ମହିଳା ଓ ଶିଶୁ ବିକାଶ ବିଭାଗ , ଓଡିଶା , ଭୁବନେଶ୍ୱର ଚିଠି ସଂଖ୍ୟା WCD-ICDS-G-MISC-0033-2022-4970/WCD ତା ୧୫.୦୩.୨୦୨୩ ରିଖ ଅନୁଯାୟୀ ମହିଳା ପ୍ରାର୍ଥିନୀ ମାନଙ୍କ ଠାରୁ Online Portal ଅନଲାଇନ ଜରିଆରେ ଦରଖାସ୍ତ ଆହ୍ୱାନ ପାଇଁ ବିଜ୍ଞପ୍ତି ଜାରି କରାଯାଉଛି । ଉକ୍ତ ପଦବୀ ସଂପୂର୍ଣ୍ଣ ଅସ୍ଥାୟୀ ଅଟେ ।

ଏଣୁ ନିମ୍ନ ଯୋଗ୍ୟତା ଧାରୀ ପ୍ରାର୍ଥିନୀ ମାନେ ତା ୨୨.୦୮.୨୦୨୬ ରିଖ ଠାରୁ ତା ୦୯.୦୯.୨୦୨୬ ରିଖ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ , ଓଡିଶା ଦ୍ୱାରା ପ୍ରସ୍ତୁତ website(http://engagement-awc.odisha.gov.in/landing)ରେ login କରି ଦରରଖାସ୍ତ ଦାଖଲ କରିବେ । Offline ରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ପ୍ରାପ୍ତ ହୋଇଥିବା ସମସ୍ତ Online ଆବଦେନ ଗୁଡ଼ିକୁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା ୧୦.୦୯.୨୦୨୬ରିଖ ଦିବା୧୦.୩୦ ଘଟିକା ଘଟିକା ସମୟରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯିବ । ଏଣୁ ପ୍ରାର୍ଥିନୀମାନେ ନିଜ ନିଜ ମୂଳ ପ୍ରମାଣପତ୍ର (OriginalCertificate)ସହ ଯାଞ୍ଚ ତାରିଖ ଦିନ ଧାର୍ଯ୍ୟ ସମୟରେ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ଭାଗ ନେବେ ନଚେତ ତାଙ୍କର ଦରଖାସ୍ତ ରଦ୍ଦ କରାଯିବ ଏବଂ ଏହି ପଦବୀ ପାଇଁ ବିଚାରଯୋଗ୍ୟ ହେବେ ନାହିଁ । ଖାରଜ ହୋଇଥିବା କିମ୍ବା କାଏମ ରହିଥିବା ଆବଦେନକାରୀଙ୍କ ତାଲିକା website(http://engagement-awc.odisha.gov.in/landing)ରେ ପ୍ରକାଶ ପାଇବ । ଯଦି କୌଣସି ଆବଦେନକାରୀଙ୍କର କିଛି ଅଭିଯୋଗ ଥାଏ ତେବେ ସେମାନେ Public Login ବ୍ୟବହାର କରି କେବଳ Online ମାଧମରେ ମୂଳପ୍ରମାଣପତ୍ର ଯାଞ୍ଚ ତାରିଖରୁ ୦୭(ସାତ) ଦିନ ମଧ୍ୟରେ ଅଭିଯୋଗ ଦାଖଲ କରି ପାରିବେ ।

**ଅଙ୍ଗନୱାଡ଼ି କର୍ମୀ ଶୂନ୍ୟତା ବିବରଣୀ:**

| କ୍ର ସଂ | ଗ୍ରାମପଞ୍ଚାୟତର ନାମ | ଗ୍ରାମର ନାମ | ଅଙ୍ଗନୱାଡ଼ି କେନ୍ଦ୍ରର ନାମ | ନିର୍ଧାରିତ ପରିସରଭୁକ୍ତ ଅଞ୍ଚଳ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧ | ରୁଗୁଡା | ମହୁଲଡ଼ିହା | ମହୁଲଡ଼ିହା | ସମଗ୍ର ମହୁଲଡ଼ିହା ଗ୍ରାମାଞ୍ଚଳ |

**ଯୋଗ୍ୟତା:-**

**ଆବେଦନକାରୀ ମହିଳା ହୋଇଥିବା ଏବଂ ତାଙ୍କର ନିମ୍ନଲିଖିତ ଯୋଗ୍ୟତା ରହିଥିବା ଆବଶ୍ୟକ :-**

୦୧) ମହିଳା ଓ ଶିଶୁ ବିକାଶ ବିଭାଗ , ଓଡିଶା , ଭୁବନେଶ୍ୱର ଚିଠି ସଂଖ୍ୟା WCD-ICDS-G-MISC-0033-2022 4970/WCD ତା ୧୫.୦୩.୨୦୨୩ ରିଖ ଅନୁଯାୟୀ ଉକ୍ତ ଅଞ୍ଚଳ I.T.D.A. ପରିସରଭୁକ୍ତ ହୋଇଥିବାରୁ କେବଳ ଅନୁସୂଚିତ ଜନଜାତି (ST) ସମ୍ପ୍ରଦାୟର ପ୍ରାର୍ଥିନୀ ଆବେଦନ କରି ପାରିବେ ।

୦୨) ଆବେଦନକାରୀ ମହୁଲଡିହା ଗ୍ରାମାଞ୍ଚଳ ପରିସରଭୁକ୍ତ ସାହି /ବସ୍ତି ର ସ୍ଥାନୀୟ ଅଧିବାସିନୀ ହୋଇଥିବା ଆବଶ୍ୟକ ।

୦୩) ଦଶମ ପରୀକ୍ଷାରେ ପାସ କରିଥିବା ପ୍ରମାଣପତ୍ର ଅନୁସାରେ ତା ୦୧.୦୧.୨୦୨୬ରିଖ ସୁଦ୍ଧା ପ୍ରାର୍ଥିନୀଙ୍କ ବୟସ ୧୮ ବର୍ଷ ରୁ ଊର୍ଦ୍ଧ୍ୱ ଏବଂ ୩୫ ବର୍ଷରୁ କମ ହୋଇଥିବା ଦରକାର ।

୦୪) ପ୍ରାର୍ଥିନୀ ଅନ୍ୟୁନ୍ୟ ଦ୍ୱାଦଶ (Plus 2) ପାସ କରିଥିବା ଆବଶ୍ୟକ । ଦ୍ୱାଦଶ (Plus 2) ପାସ ପରିକ୍ଷା ହାସଲ କରିଥିବା ମାର୍କ କୁ ଆଧାର ଭିତ୍ତି କରି ମେଧା ତାଲିକା ପ୍ରସ୍ତୁତ କରାଯିବ ।

୦୫) ବିଜ୍ଞାପିତ କେନ୍ଦ୍ରର ପରିସରଭୁକ୍ତ ଅଞ୍ଚଳରେ ଯୋଗ୍ୟ ପ୍ରାର୍ଥିନୀ ନ ମିଳିଲେ ସମ୍ପୃକ୍ତ ଗ୍ରାମାଞ୍ଚଳରୁ ଅନୁସୂଚିତ ଜନଜାତି (ST) ସମ୍ପ୍ରଦାୟର ପ୍ରାର୍ଥିନୀଙ୍କୁ ସୁଯୋଗ ଦିଆଯିବ ।

**ପାରିଶ୍ରମିକ ହାର ଏବଂ ନିଯୋଜନର ସର୍ତ୍ତାବଳୀ:-**

ଅଙ୍ଗନୱାଡ଼ି କର୍ମୀ ସରକାରୀ ପଦବାଚ୍ୟ ନ ହୋଇ ଏହା ସ୍ୱେଚ୍ଛାସେବୀ ,ଅବୈତନିକ ଏବଂ ସ୍ଥାନୀୟ ଲୋକସେବା ନିମିତ୍ତ ଉଦ୍ଦିଷ୍ଟ ହୋଇଥିବାରୁ ଉକ୍ତ ପଦ ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦିଷ୍ଟ ଦରମାର ବ୍ୟବସ୍ଥା ନାହିଁ କିମ୍ବା ନିୟମିତ ସରକାରୀ ଚାକିରି ନୁହେଁ । ତଦ୍ଦ୍ୱାରା ଓଡିଶା ସରକାରଙ୍କ ORV ନିୟମ ୧୯୭୫ କିମ୍ବା ସଂସ୍ଥାନିଯୋଜନ ଆଇନ Compulsory Notification of Vacancies-1959 ଏଥିରେ ଲାଗୁ ହେବନାହିଁ କିମ୍ବା ସରକାରୀ ପଦବାଚ୍ୟ ହେବେବୋଲି କହିପାରିବେ ନାହିଁ ।

ସରକାରଙ୍କ ନିୟମ ଅନୁଯାୟୀ ମାସିକ ହାରରେ ପାରିଶ୍ରମିକ ଦିଆଯିବ, ଯାହାକି ବର୍ତ୍ତମାନ ସ୍ଥଳେ ମାସକୁ ଟ ୧୦,୦୦୦.୦୦(ଦଶ ହଜାର ଟଙ୍କା )ମାତ୍ର ଦିଆଯାଉଛି ।

ପ୍ରାର୍ଥିନୀ ନିଯୋଜିତ ହେଲେ ଅଙ୍ଗନୱାଡ଼ି କର୍ମୀ ପ୍ରଶିକ୍ଷଣ ଦିଆଯିବ । ତାଲିମ କେନ୍ଦ୍ରରୁ ତାଲିମ ନେବାକୁ ଲିଖିତ ଭାବେ ଅଙ୍ଗୀକାର ହେବେ ।

**ଅଙ୍ଗନୱାଡ଼ି କର୍ମୀ ନିଯୋଜନ ପାଇଁ ସର୍ତ୍ତାବଳୀ :-**

୦୧) ସ୍ଥାନୀୟ ବାସିନ୍ଦା (Residence Certificate) ପ୍ରମାଣପତ୍ର ସ୍ଥାନୀୟ ତହସିଲଦାରଙ୍କ ଠାରୁ ତା ୧୦.୦୯.୨୦୨୧ରିଖ ଠାରୁ ତା ୦୯.୦୯.୨୦୨୬ ରିଖ ମଧ୍ୟରେ ପ୍ରାପ୍ତ ହୋଇଥିବା ଆବଶ୍ୟକ ।

୦୨) ଜାତିଗତ ପ୍ରମାଣପତ୍ର (Caste Certificate) ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ।

୦୩) ବିଧବା / ସ୍ୱାମୀ ପରିତ୍ୟକ୍ତା/ ଅନାଥ ମହିଳା / ଅସହାୟ ମହିଳାଙ୍କ ସଠିକ ଯୁକ୍ତିଯୁକ୍ତ ପ୍ରମାଣପତ୍ର ଥାଇ ଆବେଦନ କରିଥିବା ପ୍ରାର୍ଥିନୀଙ୍କୁ ଅତିରିକ୍ତ ପଏଣ୍ଟ ଦିଆଯିବ ।

୦୪) ବିଜ୍ଞାପିତ ସାହି / ବସ୍ତିର ସ୍ଥାନୀୟ ବାସିନ୍ଦା ପ୍ରମାଣପତ୍ର ଅଙ୍ଗନୱାଡ଼ି କେନ୍ଦ୍ରର ପରିବାର ସର୍ବେକ୍ଷଣ ପଞ୍ଜିକା (Survey Register) ର ଦାୟିତ୍ୱ ରେ ଥିବା ଅଙ୍ଗନୱାଡ଼ି କର୍ମୀଙ୍କ ପାଖରୁ ପ୍ରାପ୍ତ କରିଥିବେ ।

**Onile ମାଧ୍ୟମରେ ଦରଖାସ୍ତ ଦାଖଲ କରିବାର ପୂର୍ବ ପ୍ରସ୍ତୁତି:-**

ପ୍ରାର୍ଥିନୀ ନିଜ ଦରଖାସ୍ତ ସହ ବର୍ତ୍ତମାନର ରଙ୍ଗୀନ ପାସପୋର୍ଟ ଫୋଟୋଗ୍ରାଫ, ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର , ମାର୍କସିଟ ର ନକଲ , ସ୍ଥାନୀୟ ବାସିନ୍ଦା (Residence Certificate) ପ୍ରମାଣପତ୍ର , ଜାତିଗତ ପ୍ରମାଣପତ୍ର (Caste Certificate), ଆଧାର କାର୍ଡ ,ଭୋଟର ପରିଚୟପତ୍ର , ଅଙ୍ଗନୱାଡ଼ି କେନ୍ଦ୍ରର ପରିସର ଗୃହ ସଂଖ୍ୟା ଇତ୍ୟାଦି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରମାଣପତ୍ର ଗୁଡିକ ଡିଜିଟାଲ ଫର୍ମାଟ ରେ PDF -500kb ମଧ୍ୟରେ ରଖି ଅନଲାଇନ ଅପଲୋଡ କରିବେ ।

**Online ମାଧ୍ୟମରେ ଦରଖାସ୍ତ ଦାଖଲ କରିବାର ପ୍ରଣାଳୀ:**

ପ୍ରାର୍ଥୀମାନେ website (http://engagement-awc.odisha.gov.in/landing) ରେ Public Signup ବଟନ ବ୍ୟବହାର କରି ନିର୍ଦ୍ଧାରିତ ତାରିଖ ତଥା ସମୟ ମଧ୍ୟରେ ନାମ Registration କରିବେ । ତାପରେ PublicLogin ବଟନରେ ID&Password ବ୍ୟବହାର କରି ସଠିକ ଅଙ୍ଗନୱାଡ଼ି କେନ୍ଦ୍ର ଚୟନ କରି ସମସ୍ତ ପ୍ରମାଣପତ୍ର ଗୁଡିକ ଅପଲୋଡ କରି ଦରଖାସ୍ତ ଦାଖଲ କରି ପ୍ରାପ୍ତି ସ୍ୱୀକାର ପାଇପାରିବେ । ପ୍ରାର୍ଥୀମାନେ ମଧ୍ୟ website(http://engagement-awc.odisha.gov.in/landing) ର home pageରେ How to Apply for AWW Vacancy ବଟନରୁ ଦରଖାସ୍ତ କରିବାର ସମସ୍ତ ଉପଦେଶ ପାଇପାରିବେ । ଏ ବାବଦରେ କୌଣସି ପ୍ରକାରର ସନ୍ଦେହ ଉପୁଜିଲେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ତା ୦୯.୦୯.୨୦୨୬ସୁଦ୍ଧା ସାକ୍ଷାତ କରିପାରିବେ ।

ନିର୍ଦ୍ଧାରିତ ତାରିଖ କିମ୍ବା ସମୟସୀମା ଅତିବାହିତ ହେବାପରେ ଦରଖାସ୍ତ ଗ୍ରହଣ କରାଯିବନାହିଁ । ସମ୍ପୂର୍ଣ୍ଣ ତଥା ଆବଶ୍ୟକୀୟ କାଗଜାତ ଅପଲୋଡ ହୋଇନଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ ।

ନିର୍ଦ୍ଧାରିତ ତାରିଖ କିମ୍ବା ସମୟସୀମା ଅତିବାହିତ ହେବା ମଧ୍ୟରେ ଆବେଦନ ସମ୍ବନ୍ଧରେ କୌଣସି ପ୍ରକାରର ସନ୍ଦେହ ଉପୁଜିଲେ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ ।

ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଓଡିଶା ସରକାରଙ୍କ ଅଙ୍ଗନୱାଡ଼ି କର୍ମୀ ଚୟନ ପ୍ରକ୍ରିୟାର ମାର୍ଗ ଦର୍ଶିକା ଅନୁଯାୟୀ କରାଯିବ ।

ପ୍ରକାଶ ଥାଉ କି କୌଣସି ତ୍ରୁଟି ଅନୁଧ୍ୟାନ ପୂର୍ବକ ତଥା କୌଣସି କାରଣ ନ ଦର୍ଶାଇ ଚୟନ କମିଟିଙ୍କ ଅନୁମୋଦନ କ୍ରମେ ସମ୍ପୂର୍ଣ୍ଣ ବିଜ୍ଞାପନକୁ ବାତିଲ କରାଯାଇପାରେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
Child Development Project Officer
ବଣାଇଗଡ଼ Bonai

ଜ୍ଞାପନ ସଂଖ୍ୟା ୫୮୩ ତା ୨୫-୦୮-୨୦୨୫

ଏହାର ଏକକିତା ଅବିକଳ ନକଲ ଅତ୍ର କାର୍ଯ୍ୟାଳୟର ସୂଚନା ଫଳକରେ ସର୍ବସାଧାରଣଙ୍କ ଅବଗତି ଓ ପ୍ରଚାର ନିମନ୍ତେ ଛପାଗଲା ।

ଏହାର ଏକକିତା ଅବିକଳ ନକଲ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ସର୍ଭେ ଏରିଆ ରେ ସର୍ବସାଧାରଣଙ୍କ ଅବଗତି ଓ ପ୍ରଚାର ନିମନ୍ତେ ଛପାଗଲା ।

ଏହାର ଏକକିତା ଅବିକଳ ନକଲ ଡୁଗୁଡା ଗ୍ରାମପଞ୍ଚାୟତର ସରପଞ୍ଚ ଙ୍କ ପାଖକୁ ପ୍ରେରଣ କରାଗଲା । ସମ୍ପୃକ୍ତ ସରପଞ୍ଚଙ୍କୁ ଅନୁରୋଧ ଯେ ସେ ସର୍ବସାଧାରଣଙ୍କ ଅବଗତି ଓ ପ୍ରଚାର ନିମନ୍ତେ ବିଜ୍ଞାପନଟିକୁ ତାଙ୍କ କାର୍ଯ୍ୟାଳୟର ସୂଚନା ଫଳକରେ ପ୍ରଦର୍ଶନ କରନ୍ତୁ ।

ଏହାର ଏକକିତା ଅବିକଳ ନକଲ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଅଞ୍ଚଳର ANM/Lady Supervisor ଙ୍କ ଅବଗତି ନିମନ୍ତେ ପ୍ରଦାନ କରାଗଲା ଏବଂ ତାଙ୍କୁ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାପାଇଁ ଅବଗତ କରାଗଲା ।

ଏହାର ଏକକିତା ଅବିକଳ ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ବଣାଇଗଡ଼/ଗୋଷ୍ଠୀ ଶିକ୍ଷା ଅଧିକାରୀ,ବଣାଇଁ / ମେଡିକାଲ ଅଫିସର ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର , ସ.ବଲାଙ୍ଗ/ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ବଣାଇଗଡ଼ ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ ଯେ ସେମାନେ ଅତ୍ର କାର୍ଯ୍ୟାଳୟରେ ୧୦.୦୯.୨୦୨୬ ରିଖ ଦିବା ୧୦.୩୦.ଘଟିକା ରେ ଉପସ୍ଥିତ ରହି ଅଙ୍ଗନୱାଡ଼ିକର୍ମୀ ଆବେଦନକାରୀଙ୍କ ପ୍ରମାଣପତ୍ର .ଯାଞ୍ଚ ପ୍ରକ୍ରିୟାରେ ଅଂଶ ଗ୍ରହଣକରିବେ ।

ଏହାର ଏକକିତା ଅବିକଳ ନକଲ ଉପ ଜିଲ୍ଲାପାଳ,ବଣାଇଁ / ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁନ୍ଦରଗଡ଼ ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
Child Development Project Officer
ବଣାଇଗଡ଼
ICDS Bonai

# ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କକାର୍ଯ୍ୟାଳୟ, ନୂଆଗାଁ

**OFFICE OF THE CHILD DEVELOPMENT PROJECT OFFICER, NUAGAON**

**Dist- Sundargarh(770035) e-mail: cdponuags.or@od.gov**


ବିଜ୍ଞପ୍ତି ସଂଖ୍ୟା: ୧୦୪୧ ,ତା: ୨୪.୦୮.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି କି, ନୂଆଗାଁ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିନରେ ଥିବା **ପୋଖରାଟୋଲା (ଯୋରଡା ସେକ୍ଟର)** ଓ **ବଢେଇପଡ଼ା ( ବାରିଲେପ୍ତା ସେକ୍ଟର)** ଅଙ୍ଗନୱାଡି କେନ୍ଦ୍ର **ଅଙ୍ଗନୱାଡି ସହାୟିକା** ପଦ ପାଇଁ ବିଜ୍ଞପ୍ତି ଆହ୍ୱାନ କରାଯାଉଅଛି ।

ଯେଉଁ ଇଚ୍ଛୁକ ପ୍ରାର୍ଥିନୀମାନେ ନିମ୍ନରେ ଦର୍ଶାଯାଇଥିବା ସମସ୍ତ ଯୋଗ୍ୟତା ପୂରଣ କରିପାରୁଥିବେ, ସେମାନେ ଏହି website **(URL:http://engagement-awc.odisha.gov.in)** ରେ login କରି ଆବଶ୍ୟକ ହେଉଥିବା ସମସ୍ତ ଯୋଗ୍ୟତାର ପ୍ରମାଣ ପତ୍ର upload କରି ଓ ଆବଶ୍ୟକୀୟ ସ୍ଥାନ ପୂରଣ କରି ଆସନ୍ତା ତା: **୨୬.୦୮.୨୦୨୬ ଠାରୁ** ୦୯.୦୯.୨୦୨୬ ସୁଦ୍ଧା ଅନଲାଇନ ଦରଖାସ୍ତ ଆବେଦନ କରିପାରିବେ ।

ସମସ୍ତ ଦରଖାସ୍ତକାରୀମାନଙ୍କୁ ସୂଚିତ କରାୟାଉଛି ଯେ ଆସନ୍ତା **ତା: ୧୦.୦୯.୨୦୨୬ ପୂର୍ବାହ୍ନ ୧୧:୦୦** ଘଟିକାରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ସମସ୍ତ ମୂଳ ପ୍ରମାଣପତ୍ରର ଯାଞ୍ଚ କରାଯିବ । ଏଣୁ ସମସ୍ତ ଆବେଦନକାରୀ ମାନଙ୍କୁ ଅନୁରୋଧ କରାଯାଉଅଛି ଯେ ଧାର୍ଯ୍ୟ ତାରିଖ, ସମୟ ଓ ସ୍ଥାନରେ ସମସ୍ତ ମୂଳ ପ୍ରମାଣପତ୍ର ସହ ଉପସ୍ଥିତ ରହିବେ ।

ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ

Child Development Project Officer
Nuagaon

**ଅଙ୍ଗନୱାଡି ସହାୟିକା ମନୋନୟନ ପାଇଁ ଯୋଗ୍ୟତା ଓ ସର୍ତ୍ତାବଳୀ**

- ପ୍ରାର୍ଥିନୀ କେବଳ ଅନୁସୂଚିତ ଜନଜାତି **(ଏସଟି)** ବର୍ଗର ହୋଇଥିବେ ।
- ସେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ଏବଂ ଅଙ୍ଗନୱାଡି କର୍ମୀଙ୍କ ପାଇଁ ଗ୍ରହଣୀୟ ହେବା ଆବଶ୍ୟକ ।
- ପ୍ରାର୍ଥିନୀଙ୍କ ବୟସ ତା-୦୧/୦୧/୨୦୨୬ ରିଖ ସୁଦ୍ଧା **୧୮** ବର୍ଷରୁ କମ୍ ଓ **୩୫** ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ ।
- ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା ଅତିକମରେ **ଦ୍ୱାଦଶ ଶ୍ରେଣୀ (+2)** ପର୍ଯ୍ୟନ୍ତ ହୋଇଥିବା ଆବଶ୍ୟକ ବା ତଦୁର୍ଦ୍ଧ୍ୱ ହୋଇଥିବ ।
- ଆବଶ୍ୟକ ଯୋଗ୍ୟତା ଥିବା ଏବଂ ଅନ୍ୟାନ୍ୟ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଅନାଥ, ବିଧବା, ସ୍ୱାମୀ ଠାରୁ ଅଲଗା ହୋଇୟାଇଥିବା ମହିଳା, ଛାଡପତ୍ର ପ୍ରାପ୍ତ କିମ୍ବା ପରିତ୍ୟକ୍ତା ମହିଳାଙ୍କୁ ପ୍ରାଥମିକତା ଦିଆଯିବ I ତା ସହିତ ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀନୀ ଙ୍କୁ ଅତିରିକ୍ତ ମାର୍କ ଦିଆଯିବ ।
- ଅଙ୍ଗନୱାଡି ସହାୟିକା ଚୟନ ପାଇଁ ଓଡିଆ ଭାଷା ଜ୍ଞାନ ବାଧ୍ୟତାମୂଳକ ।
- ଅଙ୍ଗନୱାଡି ସହାୟିକା ରୂପେ ମନୋନୀତ ହେଲେ ମାସିକ **୫୦୦୦/-(ପାଞ୍ଚ ହଜାର)** ଟଙ୍କା ଭତ୍ତା ପାଇବେ ।
- ଆପଣଙ୍କ କାର୍ଯ୍ୟ ସନ୍ତୋଷ ଜନକ ନ ହେଲେ ଆପଣଙ୍କୁ ଯେକୌଣସି ମୁହୂର୍ତ୍ତରେ ବହିଷ୍କାର କରାଯିବ ।
- ପ୍ରାର୍ଥିନୀ ଓଡିଶା ସରକାରଙ୍କର ଯେକୌଣସି ସ୍ୱିକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଆବଶ୍ୟକୀୟ ଶିକ୍ଷା ଲାଭ କରିଥିଲେ ମଧ ଓଡିଆ ଭଷାରେ ଅତିକମରେ ୭ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିବା ଆବଶ୍ୟକ ।
- ସେ କୌଣସି ଦୁରୋଗ୍ୟରେ ପୀଡିତ ହୋଇ ନ ଥିବେ ।
- ଅଙ୍ଗନୱାଡି ସହାୟିକା ପିଲାମାନଙ୍କୁ ରୋଷେଇ କରି ଖାଇବାକୁ ଦେବା ଏବଂ ଅଙ୍ଗନୱାଡି କେନ୍ଦ୍ରରେ ଦୈନନ୍ଦିନ କାର୍ଯ୍ୟ କରିବାରେ ଅଙ୍ଗନୱାଡି କର୍ମୀଙ୍କୁ ସାହାଯ୍ୟ କରିବାକୁ ଇଚ୍ଛୁକ ହେବା ଉଚିତ୍ ।

ଉପରୋକ୍ତ ନିୟମାବଳୀକୁ ଅନୁସରଣ କରି ପ୍ରାର୍ଥିନୀ ଆବେଦନ ପତ୍ର ସହିତ ଆନୁସଂଗିକ ସାର୍ଟିଫିକେଟର ଜେରକ୍ସ କପିରେ ପ୍ରାର୍ଥିନୀ ନିଜେ ସମସ୍ତ ସାର୍ଟିଫିକେଟରେ ସ୍ୱାକ୍ଷରକରିବା ସହିତ ତାରିଖ ଉଲ୍ଲେଖ କରିବା ଜରୁରୀ ।

<u>ନିମ୍ନଲିଖିତ ମୂଳ ସାର୍ଟିଫିକେଟ୍କୁ ୱେବସାଇଟରେ ସଂଲଗ୍ନ କରିବେ</u>

- ପାସ୍ ପୋର୍ଟ ସାଇଜର ସେଲଫ୍ ଆଟେଷ୍ଟେଡ୍ ଫଟୋକପି ।
- ଦ୍ୱାଦଶ ପାଶ୍ ଓ ତର୍ଦ୍ଧ୍ୱ ଶିକ୍ଷାରବୋର୍ଡ ସାର୍ଟିଫିକେଟ୍ ଓ ମାର୍କସିଟ୍ । (ଦ୍ୱାଦଶ ବୋର୍ଡ ଓ ମାର୍କସିଟ୍ ସାର୍ଟିଫିକେଟ୍ ନିତ୍ୟାନ୍ତ ଆବଶ୍ୟକ )।
- ଜାତିଗତ ପ୍ରମାଣ ପତ୍ର I (ତହସିଲଦାର ଙ୍କ ଠାରୁ)
- ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର I (ତହସିଲଦାର ଙ୍କ ଠାରୁ)
- ଅନାଥ ପ୍ରମାଣ ପତ୍ର I(ସରକାରୀ ସ୍ୱୀକୃତିପ୍ରାପ୍ତ ଅନାଥାଶ୍ରମରୁ )
- ସ୍ୱାମୀ ପରିତ୍ୟକ୍ତା ପ୍ରମାଣପତ୍ର I (କୋର୍ଟ ରୁ ପ୍ରମାଣିତ)
- ବିଧବା ପ୍ରମାଣପତ୍ର ।
- ବିଜ୍ଞାପିତ ସାହିର ସ୍ଥାୟୀବାସିନ୍ଦା ପ୍ରମାଣପତ୍ର । (ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରର Survey Register ରୁ Xerox Copy ) ଦାୟିତ୍ୱରେ ଥିବା ଅ. ୱା. କର୍ମୀଙ୍କ ପାଖରୁ ଗ୍ରହଣ କରିବେ ।

ପ୍ରକାଶଥାଉ କି କୌଣସି ତୃଟି ଅନୁଧ୍ୟାନ ପୂର୍ବକ ତଥା କୌଣସି କାରଣ ନ ଦର୍ଶାଇ ଚୟନ କମିଟି ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ସଂପୂର୍ଣ୍ଣ ବିଜ୍ଞାପନକୁ ବାତିଲ କରାଯାଇପାରେ ।

| କ୍ର. ସଂଖ୍ୟା | ଗ୍ରାମ ପଞ୍ଚାୟତ ର ନାମ | ଗ୍ରାମ / ୱାର୍ଡ ର ନାମ | ଖାଲିଥିବା ଅଙ୍ଗନବାଡି କେନ୍ଦ୍ର ର ନାମ | ନିର୍ଦ୍ଧାରିତ ପରିସରଭୁକ୍ତ ଅଞ୍ଚଳ | |
|---|---|---|---|---|---|
| | | | | ଆରମ୍ଭ ଗୃହ ସଂଖ୍ୟା | ଶେଷ ଗୃହ ସଂଖ୍ୟା |
| ୧ | ସୋରଡା | ସୋରଡା | ପୋଖରାଟୋଲା | ୦୦୧- ମଗନ୍ ଭୋକ୍ତା | ୧୩୫- ଶୋଭା ରାଣୀ ମିଞ୍ଜ |
| ୨ | ବାଗଡେଗା | ବାଗଡେଗା | ବଢେଇପଡ଼ା | ୦୦୧- ବାବୁଲାଲ୍ ନାଗ୍ | ୧୧୭- ଦୁଧେଶ୍ୱର ସାହୁ |

ସ୍ୱା. ଜାଣି ୨୪.୦୮.୨୦୨୫

ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
Child Dev Project Officer
ନୂଆଗାଁ
Nuagaon

ପରିପତ୍ର ସଂଖ୍ୟା: ୧୦୪୨ ,ତା:୨୪.୦୮.୨୦୨୬

ଏହାର ଏକକିତା ନକଲ ସଂପୃକ୍ତମଣ୍ଡଳ ପରିଦର୍ଶିକା / ସଂପୃକ୍ତ ସରପଞ୍ଚ ଙ୍କ ଅବଗତି ନିମନ୍ତେ ପଠାଗଲା । ତାଙ୍କୁ ଅନୁରୋଧ କରାଯାଉଅଛି କି, ଏହି ବିଜ୍ଞାପନକୁ ଗ୍ରା:ପ: କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ଏବଂ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରରେ ଲଟକା ଜାରି କରିବାସହ ଏହାର ପ୍ରମାଣ ସ୍ୱରୂପ ଗ୍ରାମର ୫ଜଣ ବ୍ୟକ୍ତିଙ୍କର ସ୍ୱାକ୍ଷର କରିବେ ।

ସ୍ୱା. ଜାଣି ୨୪.୦୮.୨୦୨୫

ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
Child Dev Project Officer
ନୂଆଗାଁ
Nuagaon

ପରିପତ୍ର ସଂଖ୍ୟା: ୧୦୪୩ , ତା:୨୪.୦୮.୨୦୨୬

ଏହାର ଏକକିତା ନକଲ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,ସୁନ୍ଦରଗଡ଼/ ଉପ-ଜିଲ୍ଲପାଳ, ପାନପୋଷ/ ଗୋଷ୍ଠି ଶିକ୍ଷା ଅଧିକାରୀ,ନୂଆଗାଁ/ ସଂପୃକ୍ତ ଏ.ଏନ୍. ଏମ. ଙ୍କ ଅବଗତି ନିମନ୍ତେ ପଠାଗଲା ।

ସ୍ୱା. ଜାଣି ୨୪.୦୮.୨୦୨୫

ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
Child Dev Project Officer
ନୂଆଗାଁ
Nuagaon